# ବିଦାୟ ଆଡ୍‌ଭାନୀ

## ବୀରେନ୍ଦ୍ର ନାୟକ

<u>ବିଜେପିର ଅନ୍ୟତମ ପ୍ରତିଷ୍ଠାତା ୨୦୧୯ ପ୍ରାର୍ଥୀ ତାଲିକାରୁ ଗାଏବ</u>

୨୧ ମାର୍ଚ୍ଚ ୨୦୧୯ ଦିନ ଭାରତୀୟ ଜନତା ପାର୍ଟିର ୨୦୧୯ ଲୋକସଭା ନିର୍ବାଚନ ପାଇଁ ୧୮୪ଜଣ ପ୍ରାର୍ଥୀଙ୍କର ପ୍ରଥମ ତାଲିକା ପ୍ରକାଶ ପାଇଲା । ଏହି ତାଲିକାରେ ଭାରତୀୟ ଜନତା ପାର୍ଟିର ସର୍ବବରିଷ୍ଠ ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କର ନାଁ ନ ଥିଲା । ବରଂ ଗତ ନିର୍ବାଚନରେ ସେ ନିର୍ବାଚିତ ହୋଇଥିବା ଗୁଜୁରାଟର ଗାନ୍ଧୀନଗର ଲୋକସଭା ନିର୍ବାଚନ କ୍ଷେତ୍ରରୁ ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ଅମିତ ଶାହ ପ୍ରାର୍ଥୀହେଲେ ବୋଲି ଘୋଷଣା ହେଲା । ଅବଶ୍ୟ ଏହି ସୂଚନା ବିରୋଧରେ ସମାଲୋଚନାର ଗୁଞ୍ଜରଣ ଆରମ୍ଭ ହେଉଛି ଜଣା ପଡୁ ପଡୁ ଭାରତୀୟ ଜନତା ପାର୍ଟିର ନେତୃତ୍ୱ କହିଲେ ଯେ ଲାଲକୃଷ୍ଣ ଆଡ୍‌ଭାନୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଅନିଚ୍ଛା ପ୍ରକାଶ କରିଥିଲେ, ପ୍ରାର୍ଥୀ ତାଲିକା ଘୋଷଣାର ୩/୪ଦିନ ପୂର୍ବରୁ । କିନ୍ତୁ ଯିଏ ଏହି ସୂଚନା ସାମ୍ବାଦିକଙ୍କୁ ଦେଉଥିଲେ ସେ ଚିହ୍ନା ପଡ଼ିବାକୁ ଚାହୁଁ ନ ଥିଲେ[୧] ('did not wish to be identified') କିନ୍ତୁ ଆଡ୍‌ଭାନୀଙ୍କ ନିଜ ତରଫରୁ ଏହିପରି ଅନିଚ୍ଛାର ଅଭିବ୍ୟକ୍ତି ଗଣମାଧ୍ୟମରେ ଏଯାବତ୍ ଦେଖାଯାଇ ନାହିଁ ଯେପରି ପାଂଚମାସ ତଳେ (ନଭେମ୍ବର ୨୦୧୮) ଶ୍ରୀମତୀ ସୁଷମା ସ୍ୱରାଜ ଓ ଚାରିମାସ ତଳେ (ଡିସେମ୍ବର ୨୦୧୮) ସୁଶ୍ରୀ ଉମାଭାରତୀ ୨୦୧୯ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଘୋଷଣା ଗଣମାଧ୍ୟମରେ ପ୍ରକାଶ ପାଇଥିଲା[୨] । ବରଂ ମାର୍ଗଦର୍ଶକ ମଣ୍ଡଳରେ ଆଡ୍‌ଭାନୀଙ୍କର ସହସଦସ୍ୟ କାନପୁରରୁ ସାଂସଦ ମୁରଲୀ ମନୋହର ଯୋଶୀ ତାଙ୍କର ନିର୍ବାଚନମଣ୍ଡଳୀର ମତଦାତାଙ୍କୁ ଏକ ଖୋଲା ପତ୍ର ଜରିଆରେ ଯେତେବେଳେ ଜଣାଇଲେ ଯେ ତାଙ୍କୁ ଭାରତୀୟ ଜନତା ପାର୍ଟିର ସାଂଗଠନିକ ସଚିବ ରାମଲାଲ ବାରଣ କରିଛନ୍ତି କାନପୁର ବା ଅନ୍ୟ କୌଣସି ସ୍ଥାନରୁ ପ୍ରତିଦ୍ୱନ୍ଦ୍ୱିତା ନକରିବା ପାଇଁ, ସେତେବେଳେ ସ୍ପଷ୍ଟ ହେଲା ଯେ ଆଡ୍‌ଭାନୀଙ୍କର ସାଂସଦ ଜୀବନ ଉପରେ ଯବନିକା ପଡ଼ିଗଲା । ଯଦିଓ ୯୧ବର୍ଷୀୟ ଆଡ୍‌ଭାନୀ, ୮୫ବର୍ଷୀୟ ଯୋଶୀଙ୍କ ପରି କୌଣସି ଅନୁରୂପ ପ୍ରତିକ୍ରିୟା କରିନାହାନ୍ତି । ବିଜେପିର ସଚିବ ରାମଲାଲଙ୍କଠାରୁ ଉଲ୍ଲିଖିତ ପତ୍ର ମଧ୍ୟ ଯାଇଥିଲା କଲରାଜ ମିଶ୍ର, ଶାନ୍ତା କୁମାର, କରିଆ ମୁଣ୍ଡାଙ୍କ ପାଖକୁ ଓ ସେମାନଙ୍କୁ କୁହାଯାଇଥିଲା ଘୋଷଣା କରିବା ପାଇଁ ଯେ ସେମାନେ ସ୍ୱେଚ୍ଛାରେ ପ୍ରତିଦ୍ୱନ୍ଦ୍ୱିତାରୁ ଓହରି ଯାଉଛନ୍ତି । ଅନ୍ୟମାନେ ଏହା କହିଥିବାବେଳେ, ଆଡ୍‌ଭାନୀ ଏପରି କହିବା ପାଇଁ ମନା କରିଦେଇଛନ୍ତି । ଏହି ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ମୋଦୀ ଓ ସଭାପତି ଶାହାଙ୍କ ନେତୃତ୍ୱର ସାହସିକତାର ଏକ ଉଦାହରଣ ବୋଲି ପେଶ୍ କରାଯାଉଛି । ଏହା ପ୍ରକୃତରେ ସାହସିକତା ହୋଇଥାନ୍ତା ଯଦି ମୋଦୀ-ଶାହା ସ୍ୱଂୟ ଏହି ବରିଷ୍ଠ ନେତାମାନଙ୍କ ନିକଟକୁ ଯାଇ ଏହି ନିଷ୍ପତ୍ତିକୁ ଜଣାଇଥାନ୍ତେ । କିନ୍ତୁ ସେତିକି ସୌଜନ୍ୟ ଆଜିକାର ଏହି ଦୁଇ ଶୀର୍ଷନେତା ଦେଖାଇପାରିଲେ ନାହିଁ , ପାଂଚ ବର୍ଷ ତଳେ ଭାରତୀୟ ଜନତା ପାର୍ଟିକୁ ଗଢ଼ିଥିବା ଆଡ୍‌ଭାନୀ ଓ ଅନ୍ୟ ବରିଷ୍ଠ ନେତାମାନଙ୍କୁ ବୟସାଧିକ୍ୟର ଆଳ ଦେଖାଇ ମାର୍ଗଦର୍ଶକ ମଣ୍ଡଳକୁ ଠେଲି ଦିଆଯାଇଥିଲା । ଏବେ ସେମାନଙ୍କୁ ସକ୍ରିୟ ରାଜନୀତିରୁ ପ୍ରସ୍ଥାନର ମାର୍ଗ ଦେଖାଇ ଦିଆଗଲା । ଏହି ବରିଷ୍ଠ ନେତାମାନେ ଯଦି ମାର୍ଗଦର୍ଶକ ମଣ୍ଡଳରେ ନିକ୍ଷେପିତ ହେବା ସମୟରେ ହିଁ ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିଦେଇଥାନ୍ତେ, ତାହାହେଲେ ବୋଧହୁଏ ସେମାନଙ୍କୁ ଆଜିର ଦୃଶ୍ୟ ଦେଖିବାକୁ ପଡ଼ିନଥାନ୍ତା । ତେବେ ଏତଦ୍ ଦ୍ୱାରା ଆଡ୍‌ଭାନୀଙ୍କୁ ଭାରତୀୟ ଜନତା ପାର୍ଟିରେ କଣଠେସା କରିବାର ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ୨୦୧୪ ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ତାହା ୨୦୧୯ ନିର୍ବାଚନ ଘୋଷଣା ସହିତ ପ୍ରାୟତଃ ପୂର୍ଣ୍ଣତା ପାଇଲା, ତାହା କହିବା ବାହୁଲ୍ୟ ମାତ୍ର ।

***<u>ଭାରତୀୟ ଜନସଂଘର ଅନ୍ୟତମ ପ୍ରତିଷ୍ଠାତା ବଲରାଜ ମାଧୋକଙ୍କ ଅଭିଜ୍ଞତା</u>***

ଏହା ନିଶ୍ଚିତଭାବେ ପୀଡ଼ାଦାୟକ କାରଣ ଭାରତୀୟ ଜନତା ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ଏକଦା[୩] ମାତ୍ର ୨ସାଂସଦ ଦଳରୁ ୧୮୨ ସାଂସଦ ଦଳରେ ରୂପାନ୍ତରିତ କରିଥିବା ବିଦ୍ଧାଣୀ ଆଡ୍‌ଭାନୀଙ୍କର ରାଜନୈତିକ ଜୀବନର ଏ କରୁଣ ପରିଣତି ! କିନ୍ତୁ ଏହା ସ୍ମରଣ କରାଇଦେଲା, ଭାରତୀୟ ଜନତା ପାର୍ଟିର ପୂର୍ବ ସଂସ୍କରଣ ଭାରତୀୟ ଜନସଂଘରେ ଦଳର ଏକଦା ଅଧ୍ୟକ୍ଷ ବଲରାଜ ମାଧୋକଙ୍କ ତିକ୍ତ ଅଭିଜ୍ଞତା । ମାଧୋକ ଲେଖନ୍ତି[୪], "ଦୀନଦୟାଲଙ୍କର ହତ୍ୟା ପରେ ଅଟଳବିହାରୀ ବାଜପେୟୀ ଓ ନାନା ଦେଶମୁଖ, ଯାହାଙ୍କୁ ଶ୍ରୀ ଉପାଧ୍ୟାୟ ସଙ୍ଗଠନରେ କୌଣସି ଗୁରୁତ୍ୱପୂର୍ଣ୍ଣ ସ୍ଥାନ

ଦେଇନଥିଲେ, ସେମାନଙ୍କୁ ଯଥାକ୍ରମେ ଜନସଂଘର ଅଧ୍ୟକ୍ଷ ଓ ସଂଗଠନ ମନ୍ତ୍ରୀ କରାଗଲା ।......କିଛିମାସ ପରେ, ମେ ମାସରେ ମୋତେ ସୂଚିତ କରାଗଲା ଯେ ସଂସଦୀୟ ବୋର୍ଡର ଏକ ଜରୁରୀ ବୈଠକ ଜନସଂଘର କେନ୍ଦ୍ରୀୟ କାର୍ଯ୍ୟାଳୟ, ୩୦ ରାଜେନ୍ଦ୍ର ପ୍ରସାଦ ରୋଡରେ ରଖା ଯାଇଛି ଯେଉଁଠାରେ ମୋର ଉପସ୍ଥିତି ଅପରିହାର୍ଯ୍ୟ । .....ନିର୍ଦ୍ଧାରିତ ସମୟରେ ବୈଠକ ଆରମ୍ଭ ହେବାରୁ ସଂଗଠନ ମନ୍ତ୍ରୀ ନାନା ଦେଶମୁଖ ଅଧ୍ୟକ୍ଷ ଅଟଳ ବିହାରୀ ବାଜପେୟୀଙ୍କ ଅନୁମତିରେ ଚର୍ଚ୍ଚା ଆରମ୍ଭ କରିଲେ । ସେ କହିଲେ ଯେ ଏହି ବୈଠକ ଏକ ବିଶେଷ ପ୍ରୟୋଜନ ଯୋଗୁଁ ଆହୂତ ହୋଇଛି । .....ମୋ ଆଡକୁ ଇଙ୍ଗିତ କରି ସେ କହିଲେ, “ଦେଶର ଜନତା କେବଳ ଆପଣଙ୍କୁ ଜନସଂଘର ନେତା ବୋଲି ଭାବୁଛି ଓ ଆପଣ ଯାହା କିଛି କହୁଛନ୍ତି ତାହାକୁ ହିଁ ଜନସଂଘର ମତ ବୋଲି ଭାବୁଛି । ଏହା ଫଳରେ ଜନସଂଘର ଅନ୍ୟ ନେତାମାନଙ୍କୁ ସାର୍ବଜନୀକ ମାନ୍ୟତା ମିଳୁ ନାହିଁ । ଆମେ ଚାହୁଁ ଯେ ଜନସଂଘର ନୂତନ ପଦାଧିକାରୀଙ୍କୁ ମଧ୍ୟ ଜନସଂଘର ନେତା ଭାବେ ମାନ୍ୟତା ମିଳୁ । ଏହି କାରଣରୁ ଆପଣଙ୍କୁ ଆମର ଅନୁରୋଧ ଯେ ଆପଣ ଜନସଂଘର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦିଅନ୍ତୁ, ଆପଣ ଜନସଂଘରେ ରହିଲେ ଜନତାଙ୍କ ଧ୍ୟାନ ଆପଣଙ୍କ ଉପରେ ହିଁ କେନ୍ଦ୍ରୀତ ରହିବ ।”(ଅଟଳ-ନାନାଙ୍କର ସାହସିକତା ,ମୋଦୀ-ଶାହାଙ୍କଠାରୁ ଅଧିକ ବୋଲି ମନେହୁଏ ନାହିଁ କି ?) ଏହାର ପ୍ରତିକ୍ରିୟାରେ ବଲରାଜ କହିଥିଲେ[5], “ଏହା ଠିକ ଯେ ଦେଶର ଜନତା ମୋତେ ହିଁ ଜନସଂଘର ନେତା ଓ ପ୍ରବକ୍ତା ବୋଲି ମାନୁଛି କାରଣ ଡକ୍ଟର ମୁଖାର୍ଜୀଙ୍କ (ଶ୍ୟାମାପ୍ରସାଦ ମୁଖାର୍ଜୀ) ମୃତ୍ୟୁ ପରେ ମୁଁ ହିଁ ତାହାର (ଜନସଂଘର) ସାର୍ବଜନୀନ ଚେହେରା ଓ ଏହାର ବିଚାରଧାରାର ଉପସ୍ଥାପକ; କିନ୍ତୁ ମୁଁ ତ ଏବେ କୌଣସି ପଦାଧିକାରୀ ନୁହଁ । ମୁଁ ତ ଚାହୁଁଛି ଯେ ନୂତନ ପଦାଧିକାରୀଙ୍କୁ ଜନସଂଘର ନେତା ରୂପେ ମାନ୍ୟତା ମିଳୁ ।......ଅଧ୍ୟକ୍ଷ ମହୋଦୟ ମୋତେ କାର୍ଯ୍ୟ ସମିତିରେ ବା ପାର୍ଲିଆମେ ବୋର୍ଡରେ ରଖନ୍ତୁ ବା ନ ରଖନ୍ତୁ, ମୋତେ ଜନସଂଘର ପ୍ରାଥମିକ ସଦସ୍ୟତାରୁ ବଂଚିତ କରଯାଇପାରିବ ନାହିଁ । ଜନସଂଘର ପ୍ରାଥମିକ ସଦସ୍ୟତାରୁ ମୁଁ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ।” ଏପରି ପ୍ରସ୍ତାବ ପଛରେ କାରଣ ସମ୍ପର୍କରେ ବଲରାଜ ସନ୍ଦେହ କରୁଥିଲେ ଯେ “ଯେଉଁମାନେ ଦୀନଦୟାଲଙ୍କୁ ବରଦାସ୍ତ କରିପାରୁ ନ ଥିଲେ, ସେହିମାନେ ହିଁ ମୋ ଠାରୁ ପିଣ୍ଡ ଛଡାଇବା ଚାହୁଁଥିଲେ ।” ଅଟଳବିହାରୀ ବାଜପେୟୀ ଜନସଂଘର ଅଧ୍ୟକ୍ଷ ଥିବା ସମୟରେ, ବଲରାଜ ମାଧୋକଙ୍କୁ ଜନସଂଘରେ କଣଠେସା କରିବାର ଉଦ୍ୟମ ଆରମ୍ଭ ହୋଇଯାଇଥିଲା ଯେଉଁଥିରେ ସେ ନିଜେ ଓ ତାଙ୍କର ନିକଟତମ ସହଯୋଗୀମାନେ(ଆଡ଼୍ଭାନୀ, ନାନାଜୀ ଦେଶମୁଖ, ଜଗନ୍ନାଥ ରାଓ ଜୋଷୀ ଆଦି) ସମ୍ପୃକ୍ତ ଥିଲେ । ସାମ୍ବାଦିକ କିଂଗସୁକ ନାଗଙ୍କ ଭାଷାରେ[6], “ଏମାନେ ସମସ୍ତେ ଭାବୁଥିଲେ ଯେ ମାଧୋକ  ତାଙ୍କ ଜୋତା ପାଇଁ ଖୁବ ବଡ଼ (too big for his boots) ହୋଇଯାଉଛନ୍ତି ଏବଂ ଆରମ୍ଭ ହୋଇଗଲା ଏହି ନେତାଙ୍କୁ କଣଠେସା କରିବା । ମାଧୋକଙ୍କୁ ଦୀନଦୟାଲ ଉପାଧ୍ୟାୟଙ୍କର ସମର୍ଥନ ଥିଲା । ଏହା ଫଳରେ ଦଳ ଭିତରେ ମାଧୋକଙ୍କ ପାଇଁ କିଛି ସ୍ଥାନ ଥିଲା, କିନ୍ତୁ ଦୀନଦୟାଲଙ୍କ ମୃତ୍ୟୁ ପରେ ତାଙ୍କର ମତର କୌଣସି ଗୁରୁତ୍ୱ ଦଳ ଭିତରେ ରହିଲା ନାହିଁ । ମାର୍ଚ୍ଚ ୧୯୭୩ରେ, ଦଳରୁ ତାଙ୍କୁ ବରଖାସ୍ତ କରାଗଲା ଓ ତାହା ପୁଣି ତାଙ୍କ ବିରୋଧରେ ଏକ ତୁଚ୍ଛ କାରଣ ଦର୍ଶାଇ ଯେ ସେ ଦଳର କେତେକ ଦସ୍ତାବିଜ ଗଣମାଧ୍ୟମରେ ପ୍ରଘଟ କରିଦେଇଛନ୍ତି । ଜଣାଯାଏ ଯେ ଏହି ଚରମ ନିଷ୍ପତ୍ତି ନେବା ପୂର୍ବରୁ ଦଳ ଏହା ପ୍ରତି ଆର୍ ଏସ୍ ଏସ୍ ମୁଖ୍ୟ ଗୁରୁ ଗୋଲୱାଲକରଙ୍କର ଏକ ଔପଚାରିକ ସମ୍ମତି ନିଆଯାଇଥିଲା । ଏହି ସମୟରେ  ଗୋଲୱାଲକର ଅସୁସ୍ଥ ଥିଲେ ଏବଂ କିଛି ମାସ ଭିତରେ ତାଙ୍କର କ୍ୟାନ୍ସରରେ ମୃତ୍ୟୁ ହେଲା । ପ୍ରସଙ୍ଗକ୍ରମେ, ସେତେବେଳକୁ ଅଟଳ ଆଡ଼୍ଭାନୀଙ୍କୁ ଅଧ୍ୟକ୍ଷ ପଦରେ ବସାଇ ସାରିଲେଣି ।” କିନ୍ତୁ ମାଧୋକଙ୍କୁ ଜନସଂଘରୁ ବରଖାସ୍ତ କରିବାରେ ଗୋଲୱାଲକରଙ୍କ ଭୂମିକା ସମ୍ପର୍କରେ ସ୍ୱୟଂ ମାଧୋକ ଲେଖନ୍ତି[7], “ନାଗପୁରରେ ଶ୍ରୀ ଗୋଲୱାଲକରଙ୍କର ଅତି ପାଖଲୋକ ଭାବେ ଗଣା ଯାଉଥିବା ମୋର କିଛି ପୁରାତନ ସ୍ୱୟଂସେବକଙ୍କ ସହିତ କଥାବାର୍ତ୍ତା ହେଲା । ସେମାନେ ମୋତେ କହିଲେ ଯେ ଗୁରୁଜୀ ଜନସଂଘର ଘଟଣାଚକ୍ର ଦ୍ୱାରା ବେଶ ଦୁଃଖୀ । ଜନସଂଘରୁ ମୋର ବରଖାସ୍ତ ହେବାର ସମ୍ବାଦ ତାଙ୍କୁ କେବଳ ଆଘାତ ଦେଇ ନାହିଁ, ତାଙ୍କର ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇଛି । ପରେ ମୁଁ ଜାଣିଲି ଯେ ମୋତେ ଜନସଂଘକୁ ଫେରାଇ ନେବାପାଇଁ ସେ ସ୍ପଷ୍ଟ ଭାବରେ କହିଛନ୍ତି ।” ମାଧୋକଙ୍କୁ କଣଠେସା କରିବାର ଷଡ଼ଯନ୍ତ୍ରରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘର ତତ୍କାଳୀନ ମହାମନ୍ତ୍ରୀ ବାଲାସାହେବ ଦେଓରସ, ଯିଏ ପରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘର ଅଧ୍ୟକ୍ଷ ହେଲେ, ମଧ୍ୟ ସମ୍ପୃକ୍ତ ଥିଲେ । ମାଧୋକଙ୍କ ଭାଷାରେ[8], “ମୋତେ ଜନସଂଘ ଛାଡିବା ପାଇଁ ବାଧ୍ୟକରିବା, ବାଲା ସାହେବ ଦେଓରସ ଓ ତାଙ୍କ ଭଳି କେତେକ ପ୍ରଚାରକଙ୍କ ଦ୍ୱାରା ପ୍ରସ୍ତୁତ ରଣନୀତିର ଏକ ଅଙ୍ଗ ଥିଲା ।....ମୋର କାନପୁରରୁ ଫେରି ଆସିବାର ସୁଯୋଗ ନେଇ ସେମାନେ ମୋତେ ଜନସଂଘରୁ କାଢ଼ିବାର ଅନ୍ତିମ ରୂପଦେଲେ ।” ମାଧୋକ ଏହାକୁ ତାଙ୍କର[9] “ରାଜନୈତିକ ହତ୍ୟାର ଷଡ଼ଯନ୍ତ୍ର” ବୋଲି ଅଭିହିତ କରନ୍ତି ଓ ଏଥିରେ ଆଡ଼୍ଭାନୀ ଏକ ମୋହରା ଥିଲେ ବୋଲି ଆରୋପ କରନ୍ତି । ବଲରାଜ ମାଧୋକଙ୍କର ଅଭିଜ୍ଞତାରୁ ଜଣାଯାଏ ଯେ ତାଙ୍କଭଳି ଜଣେ ବରିଷ୍ଠ ନେତାକୁ ଅପମାନିତ କରିବା ଓ ଶେଷରେ ତାଙ୍କୁ ତାଙ୍କରି ପ୍ରତିଷ୍ଠିତ ଦଳରୁ (ଜନସଂଘରୁ) ନିଲମ୍ବିତ କରିବାରେ ହୋଇଥିବା ଷଡ଼ଯନ୍ତ୍ରରେ ଆଡ଼୍ଭାନୀ ସାମିଲ ଥିଲେ । ମାଧୋକ ଗୋଟିଏ ସ୍ଥାନରେ ଅତି ସ୍ପଷ୍ଟଭାଷାରେ କୁହନ୍ତି[10], “ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଉପେକ୍ଷା କରି ଶ୍ରୀ ଆଡଭାନୀଙ୍କୁ ଭାରତୀୟ ଜନସଂଘର ଅଧ୍ୟକ୍ଷ କରିବା ପଛରେ ତାଙ୍କର

(ବାଳାସାହେବ ଦେଓରସ) ମଧ୍ୟ ହାତ ଥିଲା । ଆଡଭାନୀ ବାଜପେୟୀଙ୍କର ଅତି ନିକଟ ବ୍ୟକ୍ତି ଥିଲେ । ସେତେବେଳ ପର୍ଯ୍ୟନ୍ତ ତାଙ୍କର ନା କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ଥିଲା, ନା ତାଙ୍କ ଭିତରେ କୌଣସି ଆତ୍ମବିଶ୍ୱାସ ଥିଲା । ବାଜପେୟୀ ଓ ବାଲା ସାହେବ ଦେଓରସ ତାଙ୍କ କାନ୍ଧ ଉପରେ ବନ୍ଧୁକ ରଖି ମୋର ରାଜନୈତିକ ହତ୍ୟା କରିବାର ଯୋଜନା କରିଥିଲେ । ଯଦି ଆଡ୍‌ଭାନୀଙ୍କଠାରେ ଆତ୍ମବଳ ଓ ଆତ୍ମବିଶ୍ୱାସ ଥାଆନ୍ତା, ତାହାହେଲେ ସେ ସେମାନଙ୍କର ଖେଳ ଖେଳି ନଥାନ୍ତେ ।" ଆଡ୍‌ଭାନୀଙ୍କ ସମ୍ପର୍କରେ ମାଧୋକ ଆହୁରି କୁହନ୍ତି[୧୧], "ଲାଲକୃଷ୍ଣ ଆଡ୍‌ଭାନୀଙ୍କର ସ୍ଥିତିଥିଲା କାଠପୁତୁଳୀ ପରି । ଜନସଂଘର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଉପେକ୍ଷାକରି ଯେଉଁ ପଦ ତାଙ୍କୁ ଦିଆଗଲା, ତାହାର ସେ ଯୋଗ୍ୟ ପାତ୍ର ନ ଥିଲେ । ମୁଁ ନିଜର ଅଭିଜ୍ଞତାର ଆଧାରରେ ଜାଣିଥିଲି ଯେ ସେ ବିନା ହାଡର ଏକ ଚମତ୍କାର- boneless wonder-ଅଟନ୍ତି । ତାଙ୍କର ନା ନିଜର କୌଣସି ମାନସ ଅଛି ନା ମତ । କିନ୍ତୁ ସେ ଅଟନ୍ତି ଭାଗ୍ୟବାନ । ବାଜପେୟୀ ଓ ସଂଘ ଅଧିକାରୀଙ୍କ ପ୍ରସାଦରୁ ଯେଉଁ ପଦବୀ ତାଙ୍କୁ ମିଳିଲା, ତାର ଗାରିମାକୁ ନ୍ୟୁନ କରି ବନ୍ଧୁଆ ମଜଦୁର ପରି, ତାଙ୍କୁ ଯେଉଁ କାମ କୁହାଗଲା, ସେ କରିଗଲେ ।" ଏପରି ଉକ୍ତି ମାଧୋକଙ୍କର ଆଡ୍‌ଭାନୀଙ୍କ ପ୍ରତି କ୍ଷୁବ୍ଧ ମନୋଭାବର ପ୍ରତିଫଳନ ହୋଇପାରେ,ବିଶେଷତଃ ଯେତେବେଳେ ରାଷ୍ଟ୍ରୀୟ ସ୍ତରରେ ଆଡ୍‌ଭାନୀଙ୍କର ରାଜନୈତିକ ବ୍ୟକ୍ତିତ୍ୱର ମୂଳଦୁଆ ପକାଇବାରେ ତାଙ୍କର ଏକ ନିର୍ଣ୍ଣାୟକ ଭୂମିକା ଥିଲା ବୋଲି ମାଧୋକ ଦାବି କରନ୍ତି । ମାଧୋକଙ୍କ ଭାଷାରେ[୧୨], "ଲାଲକୃଷ୍ଣ ଆଡ୍‌ଭାନୀ ସଙ୍ଗଠନରେ ବେଶ କନିଷ୍ଠ ଥିଲେ । କିନ୍ତୁ ସେ ଭଲ ଇଂରାଜୀ ଲେଖୁଥିଲେ । ସେତେବେଳେ ଜନସଂଘର ସମସ୍ତ ପ୍ରସ୍ତାବ ମୂଳ ଇଂରାଜୀରେ ଅବା ଇଂରାଜୀ ଅନୁବାଦରେ ପ୍ରକାଶ କରାଯାଉଥିଲା । ଅଧ୍ୟକ୍ଷ ହେବା ପରେ ଏହିସବୁ କାର୍ଯ୍ୟ ପାଇଁ ସମୟ ବାହାର କରିବା ମୋ ପାଇଁ ବେଶ୍ କଠିନ ଥିଲା । ତେଣୁ ମୁଁ କାର୍ଯ୍ୟ ସମିତିରେ ଏପରି ଏକ ସଭ୍ୟ ରଖିବାକୁ ଚାହୁଁ ଥିଲି ଯିଏ ଇଂରାଜୀରେ ଲେଖିବା କାର୍ଯ୍ୟ ଭଲଭାବରେ କରିପାରିବ । ଶ୍ରୀ ଆଡ୍‌ଭାନୀଙ୍କୁ ତାଙ୍କଠାରୁ ବରିଷ୍ଠ ଅନ୍ୟ ସାଥୀଙ୍କୁ ଛାଡ଼ି ରାଷ୍ଟ୍ରୀୟ କାର୍ଯ୍ୟସମିତିରେ ଅନ୍ତର୍ଭୁକ୍ତ କରିବାର ଏହା ହିଁ ଥିଲା ଏକମାତ୍ର କାରଣ ଓ ଔଚିତ୍ୟ । ଏହାଦ୍ୱାରା ଆଡ୍‌ଭାନୀଙ୍କୁ ରାଷ୍ଟ୍ରୀୟ ରାଜନୀତିରେ ପ୍ରକଟିତ ହେବାର ମାର୍ଗ ପ୍ରଶସ୍ତ ହୋଇଗଲା ।"

*ଲୌହ ପୁରୁଷ ଆଡ୍‌ଭାନୀ*

ତେବେ ମାଧୋକଙ୍କ ଦ୍ୱାରା ଆଡ୍‌ଭାନୀଙ୍କର ବ୍ୟକ୍ତିତ୍ୱର ଦୃଢ଼ତାକୁ ସେତେବେଳେ ପ୍ରଶ୍ନ କରାଯିବା, ପରବର୍ତ୍ତୀ କାଳରେ ତାଙ୍କୁ ଲୌହପୁରୁଷ କୁହାଯିବା ସହିତ ନିଶ୍ଚିତ ମେଳ ଖାଏନା । ଯଦିଓ ୨୦୦୯ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ପ୍ରତିଧ୍ୱନିତ କରୁଥିଲେ ମାଧୋକଙ୍କର ଆକଳନକୁ ଯେତେବେଳେ ସେ କହୁଥିଲେ[୧୩], "ସେ (ଶ୍ରୀ ଆଡ୍‌ଭାନୀ) ଜଣେ ଏପରି ଲୌହପୁରୁଷ ଯିଏ ଖୁବ ଶୀଘ୍ର ତରଳି ଯାଆନ୍ତି । ଶ୍ରୀ ଆଡ୍‌ଭାନୀ ଭାଷଣରେ ବେଶ ଶକ୍ତିଶାଳୀ, କିନ୍ତୁ କାର୍ଯ୍ୟରେ ଦୁର୍ବଳ । ବଡ଼ ପାଟିରେ କହିବା ଶକ୍ତିର ସୂଚନା ନୁହେଁ । ....ବିଜେପିର ପ୍ରଧାନମନ୍ତ୍ରୀ ଆଶାୟୀ (ଆଡ୍‌ଭାନୀ) ଗୋଟିଏ କୋଣରେ ବସି କାନ୍ଦୁଥିଲେ ଯେତେବେଳେ ଦୁର୍ବୃତ୍ତମାନେ ବାବ୍ରୀ ମସଜିଦକୁ ଭାଙ୍ଗିବାରେ ଲାଗିଥିଲେ ।" ତେବେ ୬ ଡିସେମ୍ବର ୧୯୯୨ ଦିନ ବାବ୍ରୀ ମସଜିଦ ଧ୍ୱଂସ କରାଯିବା ଥିଲା, ୨୫ ସେପ୍ଟେମ୍ବର ୧୯୯୦ରେ ଗୁଜୁରାଟର ସୋମନାଥ ଠାରୁ ଅଯୋଧ୍ୟା ଉଦ୍ଦେଶ୍ୟରେ ଆଡ୍‌ଭାନୀଙ୍କ ରଥଯାତ୍ରାର ଚରମ ପରିଣତି । ଏହି ଯାତ୍ରାପଛରେ ଥିଲା ଜୁନ ୧୯୮୯ରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକାରିଣୀରେ ନିଆଯାଇଥିବା ଏକ ଦୀର୍ଘ ପ୍ରସ୍ତାବ (Resolution) ଯେଉଁଥିରେ କଂଗ୍ରେସ ଓ ଅନ୍ୟାନ୍ୟ ରାଜନୈତିକ ଦଳଗୁଡ଼ିକ ଦେଶର ବହୁସଂଖ୍ୟକଙ୍କର ଭାବାବେଗ ପ୍ରତି ଉଦାସୀନତାକୁ ନିନ୍ଦା କରାଯାଇଥିଲା । ଏହି ପ୍ରସ୍ତାବରେ ମଧ୍ୟ ଉଲ୍ଲେଖ କରାଯାଇଥିଲା[୧୪] ଯେ ଯେବେଠାରୁ ମନ୍ଦିରକୁ ଧ୍ୱଂସ କରାଯାଇଛି, ହିନ୍ଦୁମାନେ ଚାହିଁଛନ୍ତି ସେହି ସ୍ଥାନରେ ମନ୍ଦିରର ପୁନରୁତ୍ଥାନ, ଯେହେତୁ ସେହି ସ୍ଥାନକୁ ହିଁ ସେମାନେ ପବିତ୍ର ବୋଲି ବିଚାର କରନ୍ତି । ଏହି ପ୍ରସ୍ତାବ ଗ୍ରହଣ କରାଯିବା ସମୟରେ ଆଡ୍‌ଭାନୀ ଭାରତୀୟ ଜନତାପାର୍ଟିର ସଭାପତି ଥିଲେ । ଏହି ପ୍ରସ୍ତାବ ଗ୍ରହଣ କରାଯିବା ପର୍ଯ୍ୟନ୍ତ ବିଶ୍ୱହିନ୍ଦୁ ପରିଷଦ ହିଁ ରାମଜନ୍ମଭୂମି ପ୍ରସଙ୍ଗକୁ ନେଇ ଆନ୍ଦୋଳନରେ ସକ୍ରିୟ ଥିଲା । ଆଡ୍‌ଭାନୀ ଭାରତୀୟ ଜନତା ପାର୍ଟିର ସଭାପତି ହେଲାପରେ (୧୯୮୬ରେ), Kingshuk Nagଙ୍କ ଭାଷାରେ[୧୪], "ସେ ନିଷ୍ପତ୍ତି ନେଲେ ଯେ ଏହା ଏକ ସୁବର୍ଣ୍ଣ ସୁଯୋଗ ପାର୍ଟିର ଭାଗ୍ୟର ପୁନରୁତ୍ଥାନ ପାଇଁ"। କାରଣ ୧୯୮୪ ନିର୍ବାଚନରେ ଅଟଳ ବିହାରୀ ବାଜପେୟୀଙ୍କ ସଭାପତିତ୍ୱରେ ଭାରତୀୟ ଜନତା ପାର୍ଟି ମାତ୍ର ଦୁଇଟି ଲୋକସଭା ଆସନରେ ବିଜୟୀ ହୋଇଥିଲା ଯଦିଓ ୨୨୯ ଜଣ ଏହି ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ୭ଅଗଷ୍ଟ ୧୯୯୦ ଦିନ ବିଶ୍ୱନାଥ ପ୍ରତାପ ସିଂହଙ୍କ ସରକାର ଦ୍ୱାରା ମଣ୍ଡଳ କମିଶନ ରିପୋର୍ଟ କାର୍ଯ୍ୟକାରୀ କରାଯିବା ଘୋଷଣା ଭାରତୀୟ ଜନତାପାର୍ଟିକୁ ଏପରି ବିଚଳିତ କରିଦେଇଥିଲା ଯେ, Kingshuk Nagଙ୍କ ଭାଷାରେ[୧୫], "ବିଜେପି ନିଷ୍ପତ୍ତି ନେଲା ରାମଜନ୍ମଭୂମି ପ୍ରସଙ୍ଗକୁ ତୀବ୍ର କରିବ ।" ଓ ଏକ ଚାପ ଭାରତୀୟ ଜନତା ପାର୍ଟି ଉପରେ ପଡିଲା କିଛି ନାଟକୀୟ କରି ଦେଖାଇବା ପାଇଁ । ମାତ୍ର ଦେଢ଼ମାସ ପରେ (୨୫ ସେପ୍ଟେମ୍ବର ୧୯୯୦) ଆଡ୍‌ଭାନୀ ରଥଯାତ୍ରାରେ ବାହାରିବା ଏହି ପୃଷ୍ଠଭୂମିରେ ହିଁ ଦେଖାଯିବା ଉଚିତ । କହିବା ବାହୁଲ୍ୟ ଯେ ଆଡ୍‌ଭାନୀଙ୍କ ଅଧ୍ୟକ୍ଷତାରେ (୧୯୮୬ରୁ ୧୯୯୧; ୧୯୯୩ରୁ ୧୯୯୮) ଭାରତୀୟ ଜନତା ପାର୍ଟି ଖୋଲାଖୋଲି ଭାବରେ ହିନ୍ଦୁ

ବହୁସଂଖ୍ୟକଙ୍କ ଦଳଭାବେ ପ୍ରକଟିତ ହେଲା; ଓ ଭାରତୀୟ ଜନତା ପାର୍ଟି ଗଠନବେଳେ ଗାନ୍ଧୀଙ୍କ ସମାଜବାଦକୁ ପାର୍ଟିର ଆଦର୍ଶବୋଲି ଗ୍ରହଣ କରାଯିବାର ଘୋଷଣା, ଯାହା ପ୍ରତି ରାଷ୍ଟ୍ରୀୟ ସ୍ୱଂୟ ସେବକ ସଂଘର ବିରୋଧ ଥିଲା, ତାହା ଆଡ଼୍‌ଭାନୀଙ୍କ କାର୍ଯ୍ୟକାଳରେ ନାମମାତ୍ର ହୋଇଗଲା । ଭାରତୀୟ ଜନତା ପାର୍ଟିର ଏତାଦୃଶ ପରିବ ର୍ନ ଫଳରେ, ନିର୍ବାଚନ ରାଜନୀତିରେ ଭାରତୀୟ ଜନତା ପାର୍ଟିକୁ ଯେଉଁ ଉ ରୋ ର ସଫଳତା ହାସଲ ହେଲା (୧୯୮୯ରେ ନବମ ଲୋକସଭା ନିର୍ବାଚନରେ ୮୫ଆସନରେ ବିଜୟୀ,୧୯୯୧ରେ ଦଶମ ଲୋକସଭା ନିର୍ବାଚନରେ ୧୨୦ ଆସନରେ ବିଜୟୀ, ୧୯୯୬ ଏକାଦଶ ଲୋକସଭା ନିର୍ବାଚନରେ ୧୬୧ ଆସନରେ ବିଜୟୀ ଓ ୧୯୯୮ ଦ୍ୱାଦଶ ଲୋକସଭା ନିର୍ବାଚନରେ ୧୮୨ ଆସନରେ ବିଜୟୀ ) ତାହା ଓ ଅଟଳ ବିହାରୀଙ୍କ ମନ୍ତ୍ରିମଣ୍ଡଳରେ ଉପପ୍ରଧାନମନ୍ତ୍ରୀ ଭାବେ ତାଙ୍କର ନିଯୁକ୍ତି ବୋଧହୁଏ ତାଙ୍କ ପ୍ରଶଂସକଙ୍କ ମହଲରେ ତାଙ୍କ ପାଇଁ ଲୌହପୁରୁଷର ପରିଚିତି ସୃଷ୍ଟି କରିଥିଲା । କାରଣ ଆଡ଼୍‌ଭାନୀ ଉପପ୍ରଧାନମନ୍ତ୍ରୀ ଥିଲେ, ଯେପରି ମୂଳ ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜବାହାରଲାଲ ନେହେରୁ ମନ୍ତ୍ରିମଣ୍ଡଳରେ ଥିଲେ ଉପପ୍ରଧାନମନ୍ତ୍ରୀ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ରାଜ ରାଜୁଡାଙ୍କ ଶାସନାଧୀନ ୫୬୨ଟି ରାଜ୍ୟକୁ ଯେପରି ଭାରତୀୟ ରାଷ୍ଟ୍ରରେ ମିଶାଇ ଭାରତକୁ ଏକ ବିଶାଳ ରାଷ୍ଟ୍ରରେ ପରିଣତ କରିଥିଲେ, ଆଡ଼୍‌ଭାନୀ ହିନ୍ଦୁଙ୍କ ଭିତରେ ଐକ୍ୟ ଆଣିବାପାଇଁ ସୋମନାଥରୁ ଅଯୋଧ୍ୟା ରଥଯାତ୍ରାରେ ବାହାରିଥିଲେ[୧୫] ଓ ତାହର ପରିଣତିସ୍ୱରୂପ ଭାରତୀୟ ଜନତା ପାର୍ଟିକୁ ଏକ ସଫଳ ରାଜନୈତିକ ଦଳଭାବେ ଠିଆ କରାଇଦେଲେ । କିନ୍ତୁ ଆଡ଼୍‌ଭାନୀଙ୍କର ନେତୃତ୍ୱରେ ଭାରତୀୟ ଜନତା ପାର୍ଟି ନିର୍ବାଚନୀ ସଫଳତା ପାଇଲା ସତ, କିନ୍ତୁ ସର୍ଦ୍ଦାର ପଟେଲ ଗଢ଼ିଥିବା ଏକକ ଭାରତର ଗଣଜୀବନକୁ ଆଡ଼୍‌ଭାନୀଙ୍କର ରଥଯାତ୍ରା ଧର୍ମ ଆଧାରରେ ବିଭାଜିତ କରିଦେଲା, ସଂଖ୍ୟାଗରିଷ୍ଠ ହିନ୍ଦୁ ବନାମ ସଂଖ୍ୟାଲଘୁ ଅନ୍ୟମାନେ; ଏହିପରି ଏକ ପରିବେଶର ଏକ ଔପଚାରିକ ଭି ି ପଡ଼ିଲା । ସମ୍ବିଧାନରେ ଉଲ୍ଲିଖିତ ଧର୍ମନିରପେକ୍ଷତା ବିଦ୍ରୁପିତ ହେଲା । କିନ୍ତୁ ଆଶ୍ୱାସନାର ବିଷୟ ଯେ ଲୌହପୁରୁଷ ଆଡ଼୍‌ଭାନୀଙ୍କ ଦ୍ୱାରା ବିଜେପିକୁ ଜନସଂଖ୍ୟାର ଶତକଡା ୭୯.୮ପ୍ରତିଶତ ଅର୍ଥାତ୍ ସଂଖ୍ୟାଗରିଷ୍ଠ ହିନ୍ଦୁଙ୍କର ଦଳଭାବରେ ଦର୍ଶାଇବାର ସମସ୍ତ ପ୍ରଚେଷ୍ଟା ସ ୍ୱ, ଏହା ପ୍ରତି ଏଯାବତ୍ ସମର୍ଥନ ଭୋଟର ସଂଖ୍ୟାର ସର୍ବାଧିକ ୩୧ ପ୍ରତିଶତ ହିଁ ହୋଇଛି ଯଦିଓ ଏହି ଅନୁପାତରେ ବୃଦ୍ଧି ନିରନ୍ତର ହୋଇଚାଲିଛି (କେବଳ ୨୦୦୪ ଓ ୨୦୦୯ ନିର୍ବାଚନର ଫଳାଫଳ ବ୍ୟତୀତ) କହିବା ବାହୁଲ୍ୟ ଯେ ଆଡ଼୍‌ଭାନୀଙ୍କର ଯେତେଦିନ ଯାଏ ଏକ କଠୋର ହିନ୍ଦୁର ଭାବମୂ ି ଧାରଣ କରୁଥିଲେ, ସେତେଦିନ ଯାଏ ସେ ଲୌହପୁରୁଷ ଭାବେ ତାଙ୍କ ପ୍ରଶଂସକଙ୍କ ମହଲରେ ଆଦର ପାଉଥିଲେ । କିନ୍ତୁ ଯେତେବେଳେ ସେ ଜୁନ ୨୦୦୫ ମସିହାରେ ପାକିସ୍ଥାନ ଗସ୍ତରେ ଯାଇ ପାକିସ୍ଥାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନାଙ୍କ କବର ଉପରେ ଶ୍ରଦ୍ଧାଞ୍ଜଳି ଜ୍ଞାପନପୂର୍ବକ ଲେଖିଥିଲେ[୧୬], ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଇତିହାସରେ ଏକ ଅଲିଭା ଛାପ ଛାଡ଼ି ଯାଆନ୍ତି । କିନ୍ତୁ ବହୁତ କମ୍ ଅଛନ୍ତି ଯେଉଁମାନେ ପ୍ରକୃତରେ ଇତିହାଉ୍‌ଢନ୍ତି । କୈଦ-ଇ-ଆଜାମ ଜିନ୍‌ହା ଏହିଭଳି ଜଣେ ବିରଳ ବ୍ୟକ୍ତି ଥିଲେ । ଏହିପରି ମନ୍ତବ୍ୟ ତାଙ୍କ ଦଳ ଭିତରେ ଓ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ ମହଲରେ ଗ୍ରହଣୀୟ ହେଲାନାହିଁ ଓ ସେ ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ପଦରୁ ଡିସେମ୍ବର ୨୦୦୫ରେ ଇସ୍ତଫା ଦେଲେ, ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇବାର ମାତ୍ର ବର୍ଷକ ପରେ । ପ୍ରାୟ ଏହି ସମୟରୁ ରାଜନୈତିକ ଜୀବନରେ ଆଡ଼୍‌ଭାନୀଙ୍କ ପତିଆରା ହ୍ରାସ ପାଇବାରେ ଲାଗିଲା । ଯଦିଓ ୨୦୦୯ରେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରି ଭାରତୀୟ ଜନତା ପାର୍ଟି ନିର୍ବାଚନ ଲଢ଼ିଲା, କିନ୍ତୁ ବିଜେପି ସରକାର ଗଢ଼ିବାକୁ ସମର୍ଥ ହେଲା ନାହିଁ । ୨୦୧୪ରେ ବିଜେପି ତାଙ୍କୁ ଆଉ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କଲାନାହିଁ ନରେନ୍ଦ୍ର ମୋଦୀଙ୍କର ପ୍ରାର୍ଥୀତ୍ୱକୁ ତାଙ୍କର ବିରୋଧ ସ ୍ୱ । ତାଙ୍କ ହାତରେ ତିଆରି ନେତାମାନେ ତାଙ୍କ ସପକ୍ଷରେ କେହି ମୁହଁ ଖୋଲିଲେ ନାହିଁ । ତାଙ୍କୁ କିନ୍ତୁ ତାଙ୍କ ଲୋକସଭା ନିର୍ବାଚନମଣ୍ଡଳୀ ଗାନ୍ଧୀନଗରରୁ ପ୍ରାର୍ଥୀ କରାଗଲା । ବିଜୟୀ ଆଡ଼୍‌ଭାନୀଙ୍କୁ ମାର୍ଗଦର୍ଶକ ମଣ୍ଡଳକୁ ଠେଲି ଦିଆଗଲା, ନିୟମହେଲା ଯେ ୭୫ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ସଭ୍ୟମାନେ ମାର୍ଗଦର୍ଶକ ମଣ୍ଡଳରେ ରହିବେ । ୮୬-୮୭ ବର୍ଷ ବୟସରେ ଆଡ଼୍‌ଭାନୀଙ୍କୁ ସେହି ଗୋଷ୍ଠୀରେ ଅନ୍ତର୍ଭୁକ୍ତ କରିଦିଆଗଲା । ବୋଧହୁଏ ଭାରତୀୟ ଜନତା ପାର୍ଟିକୁ ଶକ୍ତିଶାଳୀ କରିବାରେ ଆଡ଼୍‌ଭାନୀଙ୍କ ଭୂମିକା ଓ ଯେପରି ସେ ୨୦୦୨ ଗୋଧ୍ରା କାଣ୍ଡପରେ ନରେନ୍ଦ୍ର ମୋଦୀଙ୍କ ମୁଖ୍ୟମନ୍ତ୍ରୀତ୍ୱକୁ ସୁରକ୍ଷା ଦେଇଥିଲେ, ଏହା ଆଶା କରିବା ସ୍ୱାଭାବିକ ଥିଲା ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କୃତଜ୍ଞତାର ପରିଚୟ ଦେବେ ଓ ଆଡ଼୍‌ଭାନୀଙ୍କୁ ବିଜେପି ତରଫରୁ ରାଷ୍ଟ୍ରପତି ପ୍ରାର୍ଥୀ କରିବେ । କିନ୍ତୁ ତାହା ମଧ୍ୟ ହେଲା ନାହିଁ । ବରଂ ସବୁଠାରୁ କରୁଣ ଥିଲା ସେହି ଦୃଶ୍ୟ[୧୭] ଯେତେବେଳେ ତ୍ରିପୁରାରେ ବିପ୍ଲବ ଦେବ ମୁଖ୍ୟମନ୍ତ୍ରୀ ଭାବେ ଶପଥନେବା ସମୟରେ ମଂଚଉପରେ ନରେନ୍ଦ୍ର ମୋଦୀ ଆଡ଼୍‌ଭାନୀଙ୍କୁ ନଦେଖିଲା ଭଳି ଆଗେଇ ଯାଉଛନ୍ତି ଓ ଆଡ଼୍‌ଭାନୀ ହାତଯୋଡ଼ି ଛିଡ଼ା ହୋଇଛନ୍ତି । ଆଡ଼୍‌ଭାନୀ ଲୌହପୁରୁଷ ବୋଲି ତାଙ୍କର ଯେଉଁ ପ୍ରଶଂସକମାନେ କହୁଥିଲେ, ତାଙ୍କୁ ସର୍ଦ୍ଦାର ପଟେଲଙ୍କ ସହ ତୁଳନା କରୁଥିଲେ ଓ ଏହାକୁ ଆଡ଼୍‌ଭାନୀ ମଧ୍ୟ ଶୁଣିବାକୁ ଭଲ ପାଉଥିଲେ[୧୮], ସେମାନେ ଓ ନିଜେ ଆଡ଼୍‌ଭାନୀ ଏହି ଦୃଶ୍ୟକୁ କିପରି ଗ୍ରହଣ କରୁଥିବେ? ଅବଶ୍ୟ ଏହି ଦୃଶ୍ୟ ମଗଧରେ ଅଜାତଶତ୍ରୁ ପିତା ବିମ୍ବିସାରଙ୍କୁ କାରାଗାରରେ ନିକ୍ଷେପ କରିବା ବା କୋଶଳରାଜ୍ୟରେ ପ୍ରସେନଜିତ ନିଜ ପୁତ୍ର ଦ୍ୱାରା ଗାଦିଚ୍ୟୁତ ହୋଇ ରାଜ୍ୟରୁ ବିତାଡ଼ିତ ହେବା ଦୃଶ୍ୟଠାରୁ ଅଧିକ କରୁଣ ନୁହେଁ ନିଶ୍ଚିତ । ବୋଧହୁଏ ଏପରି ଦୃଶ୍ୟ

ଦେଖିବାର ସୁଯୋଗ ସେ ଦେଇ ନଥାନ୍ତେ, ଯଦି ୨୦୧୪ ନିର୍ବାଚନ ପରେ ପରେ ସେ ସକ୍ରିୟ ରାଜନୀତିରୁ ଅବସର ଘୋଷଣା କରିବାର ସାହସ ଦେଖାଇ ପାରିଥାନ୍ତେ, ଯାହା ବୋଧହୁଏ ଗଢ଼ା ହୋଇଥିବା ତାଙ୍କର ଲୌହପୁରୁଷ ଛବିକୁ ଯଥାର୍ଥ ବୋଲି ପ୍ରମାଣିତ କରିଥାନ୍ତା ଓ ତାଙ୍କ ସମ୍ପର୍କରେ ବଲରାଜ ମାଧୋକଙ୍କ ଆକଳନକୁ ଅପ୍ରମାଣିତ କରିଥାନ୍ତା । କ୍ରିକେଟରେ ରୁଚି ରଖୁଥିବା ଆଡ଼୍‌ଭାନୀ ଯଦି ସେ ଅମଳ କରିଥାନ୍ତେ କିମ୍ବଦନ୍ତୀ କ୍ରିକେଟ ଖେଳାଳୀ ବିଜୟ ମର୍ଚ୍ଚା ଙ୍କ ପ୍ରସିଦ୍ଧ ବାକ୍ୟ[୧୯] ‘Retire when people ask why and not when’, ତାହାହେଲେ ବୋଧହୁଏ ସେ ୨୦୦୪-୫ରେ ହିଁ ଅବସର ନେଇଯାଇଥାନ୍ତେ । ଅବଶ୍ୟ ସେହି ସମୟରେ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘର ତତ୍କାଳୀନ ଅଧ୍ୟକ୍ଷ କେ ଏସ୍ ସୁଦର୍ଶନ ଆଡ଼୍‌ଭାନୀ ଓ ବାଜପେୟୀ ନୂତନ ନେତୃତ୍ୱକୁ ବାଟ ଛାଡନ୍ତୁ ବୋଲି ମତ ଦେଇଥିଲେ[୨୦] । ପାଠକେ ପଚାରି ପାରନ୍ତି ରାଜନୀତି କ’ଣ କ୍ରିକେଟ ଖେଳ ?

<u>ବ୍ୟବହୃତ ଉପାଦାନ ସୂଚୀ</u>


୧.Lok Sabha elections 2019: L K Advani opted out of LokSabha race, sounded out BJP about retirement , Kumar Uttam, Hindustan Times, March 22, 2019, hindustantimes.com

୨.Sushma Swaraj drops out of 2019 elections, timing surprises BJP , By J.P. Yadav in New Delh, Published 21.11.18, https://www.telegraphindia.com/india/won-t-contest-elections-bjp-veteran-sushma-swaraj-announces-suddenly-and-the-timing-surprises-bjp/cid/1676041; Won’t contest 2019 polls, says BJP’s Uma Bharti, Shruti Tomar , Hindustan Times ,Dec 04, 2018 ,https://www.hindustantimes.com/india-news/uma-bharti-won-t-contest-lok-sabha-polls-to-concentrate-on-ram-temple/story-x4OF07edpgRUqo1JYeAAVK.html

୩."Told I Shouldn't Contest": MM Joshi, Benched By BJP, Writes To Voters,Reported by Akhilesh Sharma, Edited by Deepshikha Ghosh| Updated: March 26, 2019 ,https://www.ndtv.com/india-news/lok-sabha-elections-2019-murli-manohar-joshi-benched-by-b..1 of 3 3/26/2019 1:10 P

୪.https://en.wikipedia.org/wiki/1999_Indian_general_election

୫.ଜିନ୍ଦଗୀ କା ସଫର-୩,ବଲରାଜ ମାଧୋକ, ଦିନମାନ ପ୍ରକାଶନ, ୨୦୦୩ , ପୃ ୨୩-୨୪-୨୫

୬.The Saffron Tide: The Rise of the BJP, Kingshuk Nag, Rupa Publications, 2014, pp.70-71

୭.ଜିନ୍ଦଗୀ କା ସଫର-୩, ବଲରାଜ ମାଧୋକ, ଦିନମାନ ପ୍ରକାଶନ, ୨୦୦୩, ପୃ ୧୪୯

୮.ଜିନ୍ଦଗୀ କା ସଫର-୩, ବଲରାଜ ମାଧୋକ, ଦିନମାନ ପ୍ରକାଶନ, ୨୦୦୩, ପୃ ୧୪୧

୯.ଜିନ୍ଦଗୀ କା ସଫର-୩, ବଲରାଜ ମାଧୋକ, ଦିନମାନ ପ୍ରକାଶନ, ୨୦୦୩ , ପୃ ୧୨୬

୧୦.ଜିନ୍ଦଗୀ କା ସଫର-୩, ବଲରାଜ ମାଧୋକ, ଦିନମାନ ପ୍ରକାଶନ, ୨୦୦୩ , ପୃ ୧୩୮

୧୧.ଜିନ୍ଦଗୀ କା ସଫର-୩, ବଲରାଜ ମାଧୋକ, ଦିନମାନ ପ୍ରକାଶନ, ୨୦୦୩ , ପୃ ୧୪୬

୧୨.ଜିନ୍ଦଗୀ କା ସଫର-୨, ବଲରାଜ ମାଧୋକ, ହିନ୍ଦୁ ୱାର୍ଲଡ ପବ୍ଲିକେଶନ, ୧୯୯୪, ପୃ ୧୯୯

୧୩.Iron man melts quickly, says PM ,Y ET BUREAU | APR 14, 2009, https://economictimes.indiatimes.com/news/politics-and-nation/iron-man-melts-quickly-says-pm

୧୪.The Saffron Tide, Kingshuk Nag, Rainlight, Rupa, 2014, p.110

୧୫.The Saffron Tide, Kingshuk Nag, Rainlight, Rupa, 2014, p.104-5

୧୬.Loyalist who evoked loyalty in Advani ,By Radhika Ramaseshan ,Published 13.10.15 ,https://www.telegraphindia.com/india/loyalist-who-evoked-loyalty-in-advani/cid/1509266,.

୧୭.PM Modi ignores LK Advani at Tripura CM Biplab Deb’s swearing-in; Twitter goes into frenzy ,By Newsx Bureau | Updated: 10 March 2018 ,https://www.newsx.com/national/pm-modi-ignores-lk-advani-at-biplab-debs-swearing-in-twitter-goes-into-frenzy

୧୮.https://www.bbc.com/hindi/india/2013/06/130610_advani_profile_rf 3 of 5

୧୯.Cricket |ESPNcricinfo.com http://www.espncricinfo.com/ci/content/story/834

୨୦.L. K. Advani - Wikipedia https://en.wikipedia.org/wiki/L._K._Advani 4 of 9 3/30/2019 9:51 PM .